Quarterly News Letter

# ସବୁଜ ଗିରି
# SABUJA GIRI

ICAR

KRISHI VIGYAN KENDRA, GAJAPATI
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

ODISHA UNIVERSITY OF AGRICULTURE & TECHNOLOGY, BHUBANESWAR
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
Indian Council of Agricultural Research, New Delhi
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ

ପଞ୍ଚଦଶ ବର୍ଷ | ସଂଖ୍ୟା-୦୨ | ଜୁଲାଇ-ସେପ୍ଟେମ୍ବର ୨୦୧୯

## ସଂପ୍ରସାରଣ ଶିକ୍ଷା ଅଧକ୍ଷଙ୍କ ବାର୍ତ୍ତା...



କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ନିଜସ୍ୱ ସମାଚାର ପତ୍ର "ସବୁଜଗିରି"ର ପଞ୍ଚଦଶ ବର୍ଷର ଦ୍ୱିତୀୟ ସଂସ୍କରଣ ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ। ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଚାଷୀମାନେ କୃଷି ଏବଂ ଉଦ୍ୟାନ କୃଷି ଉପରେ ବିଶେଷ ଭାବରେ ନିର୍ଭର କରନ୍ତି। ବିଗତ ଦିନମାନଙ୍କରେ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନେ ଧାନ ଚାଷ ସହିତ ମକା, ମାଣ୍ଡିଆ, ଡାଲିଜାତୀୟ ଫସଲ, ତୈଳବୀଜ, ପନିପରିବା, ଫଳଚାଷ, କୁକୁଡା ପାଳନ, ଗୋପାଳନ, ଛତୁ ତଥା ମହୁ ଉତ୍ପାଦନରେ ବିଶେଷ ପାରଦର୍ଶିତା ଲାଭ କରିପାରିଛନ୍ତି। ଏହି ଦିଗରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ବିଶେଷ ଭୂମିକା ରହିଛି। କୃଷି ଏବଂ କୃଷି ଆନୁସଙ୍ଗିକ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ଜ୍ଞାନକୌଶଳକୁ କ୍ଷେତ୍ର ପରୀକ୍ଷଣ, କ୍ଷେତ୍ର ପ୍ରଦର୍ଶନ ଓ ତାଲିମ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କ ପାଖରେ ପହଞ୍ଚେଇବାରେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ସଫଳ ହୋଇପାରିଛି। ଏହି ସମାଚାର ପତ୍ରଟି ଜିଲ୍ଲାର କୃଷକ, କୃଷିଜୀବୀ ମହିଳା, ଯୁବକ-ଯୁବତୀ ଓ ସଂପ୍ରସାରଣ କର୍ମୀମାନଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ଜ୍ଞାନକୌଶଳ ବିଷୟରେ ଅବଗତ କରାଇ ପାରିବ ବୋଲି ମୋର ଦୃଢ ବିଶ୍ୱାସ ରହିଛି।

"ସବୁଜଗିରି" ପତ୍ରିକାର ସଫଳ ପ୍ରକାଶନ ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀମାନଙ୍କୁ ମୋର ଶୁଭେଚ୍ଛା ଏବଂ ଏହି ପତ୍ରିକାଟି ଗଜପତି ଜିଲ୍ଲାର ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ଉପଯୋଗୀ ହୋଇପାରିବ ବୋଲି ମୋର ଦୃଢ ଆଶା ଓ ବିଶ୍ୱାସ ରହିଛି।

ପ୍ରଭାତ କୁମାର ରାଉଳ

**ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ**
**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

## ମୁଖ୍ୟ ସଂପାଦକଙ୍କ କଲମରୁ....



ପାହାଡ ଜଙ୍ଗଲ ପରିବେଷ୍ଟିତ ଆଦିବାସୀ ବହୁଳ ଗଜପତି ଜିଲ୍ଲାର ବହୁବିଧ କୃଷି ପରିସ୍ଥିତିକୁ ଆଧାର କରି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ ଜନସହଭାଗୀ ଅବଧାରଣା ଦ୍ୱାରା କୃଷି ଏବଂ କୃଷି ପରିବାରର ଦକ୍ଷତା ବିକାଶ ଦିଗରେ କାର୍ଯ୍ୟରତ। ସବୁଜଗିରିର ପଞ୍ଚଦଶ ବର୍ଷର ଦ୍ୱିତୀୟ ସଂସ୍କରଣ ପ୍ରକାଶନ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମର ସଫଳତାର ବାର୍ତ୍ତା ବହନ କରିବା ସହ କୃଷକ ଓ କୃଷିଜୀବୀ ମହିଳା ଗ୍ରାମ୍ୟ ଯୁଗ ଗୋଷ୍ଠୀ ତଥା ସଂପ୍ରସାରଣ କର୍ମୀମାନଙ୍କୁ ଉନ୍ନତ କୃଷିଜ୍ଞାନ କୌଶଳସମ୍ବନ୍ଧରେ ଅବଗତ କରିବା ପାଇଁ ଉଦ୍ଦିଷ୍ଟ। କୃଷି ଓ ଆନୁସଙ୍ଗିକ କୃଷି କ୍ଷେତ୍ରରେ ଉନ୍ନତି ଆଣିବାରେ ଏହି ପତ୍ରିକା ବିଶେଷ ସହାୟକ ହୋଇପାରିବ ବୋଲି ମୋର ବିଶ୍ୱାସ। ସବୁଜଗିରିକୁ ଲୋକଲୋଚନକୁ ଆଣିବା ପାଇଁ ଚେଷ୍ଟା କରିଥିବା କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଏବଂ କର୍ମଚାରୀଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା।

ସଂଗ୍ରାମ ପରମଗୁରୁ

**ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ**
**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

## ବନୋମହୋତ୍ସବ ପାଳନ

ଜୁଲାଇ ମାସର ପ୍ରଥମ ସପ୍ତାହକୁ ବନ ମହୋତ୍ସବ ରୂପେ ପାଳନ କରାଯାଏ । ଏହି ବର୍ଷ ଜୁଲାଇ ମାସର ୩ ତାରିଖ ଦିନ କୃଷି ବିଜ୍ଞାନ କେନ୍ଦ୍ର ଏବଂ ଜିଲ୍ଲା ବନ ବିଭାଗର ମିଳିତ ଆନୁକୁଲ୍ୟରେ ନିକଟସ୍ଥ ନୂଆଗଡ଼ ବ୍ଲକ୍ ତିତିସିଂ ଗ୍ରାମରେ ବନୋ ମହୋତ୍ସବ ସପ୍ତାହ ପାଳନ କରାଯାଇଥିଲା । ଜଙ୍ଗଲ କ୍ଷୟ ଯୋଗୁଁ ପରିବେଶରେ ପଡୁଥିବା ଏହାର କୁପ୍ରଭାବ ସଂପର୍କରେ ସଚେତନତା କରାଯାଇଥିଲା । ଏହା ସହ ଜଙ୍ଗଲ କ୍ଷୟକୁ କିପରି ରୋକାଯାଇ ପାରିବ ତା ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସଂଗ୍ରାମ ପରମଗୁରୁ, ଉଦ୍ୟାନ କୃଷି



ବୈଜ୍ଞାନିକ ସୁଶ୍ରୀ ରଶ୍ମିତା ଟପ୍ପୋ, ବିଷୟବସ୍ତୁ ବୈଜ୍ଞାନିକ (କ୍ଷେତ୍ର ବିଜ୍ଞାନ) ଶ୍ରୀ ସଂଜୀବ ମାଣ୍ଡି, ଜିଲ୍ଲା ବନ ବିଭାଗ ଅଧିକାରୀ ସୁଶ୍ରୀ ସୁଜାତାରାଣୀ ପଣ୍ଡାଙ୍କ ସହ ଅନ୍ୟ ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ଼ ଏବଂ ୫୦ ଚାଷୀ ଗଣ ଯୋଗଦାନ କରିଥିଲେ । ସଭା ଶେଷରେ ସମସ୍ତ ଅଧିକାରୀ ଏବଂ ଚାଷୀ ମାନେ ବୃକ୍ଷରୋପଣ କରିଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ପ୍ରଥମ ପର୍ଯ୍ୟାୟର ପ୍ରଥମ ଜଳଶକ୍ତି ଅଭିଯାନ ପାଳନ

**କଥାରେ ଅଛି :-**

**"ଜଳ ବହୁଳେ ସୃଷ୍ଟିନାଶ, ଜଳ ବିହୁନେ ସୃଷ୍ଟିନାଶ"**

ଅର୍ଥାତ ଜଳ ଅଧିକ ହେଲେ ବନ୍ୟା, ବାତ୍ୟା ପରି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇ ଜୀବନ ଧ୍ୱଂସ କରିପାରେ ଏବଂ ଜଳର ଅଭାବ ପଡ଼ିଲେ ମଧ୍ୟ ସେହିପରି ମରୁଡ଼ିର ସମ୍ମୁଖୀନ ହୋଇ ଜୀବନ ନଷ୍ଟ କରିଥାଏ ।



ତେବେ ବର୍ତ୍ତମାନର ପରିସ୍ଥିତି ମରୁଡ଼ି ସମସ୍ୟା ଅଧିକ ଦେଖା ଦେଉଥିବାରୁ ଆଗାମୀ ସମୟରେ ଏହା କିପରି ଏକ ବୃହତ ତାଣ୍ଡବ ରୂପ ନ ନେବ, ସେଥିପାଇଁ କେନ୍ଦ୍ର ସରକାରଙ୍କ ମନ୍ତ୍ରାଳୟରେ ଜଳ ବିଭାଗର ଉଦ୍ୟମ କ୍ରମେ ଜଳଶକ୍ତି ଅଭିଯାନର ସୃଷ୍ଟି କରାଯାଇ ଅଛି । ତେବେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରଥମ ପର୍ଯ୍ୟାୟର ପ୍ରଥମ ଜଳଶକ୍ତି ଅଭିଯାନ ମୋହନା ବ୍ଲକ୍ ଅନ୍ତର୍ଗତ ଅଡ଼ାପଙ୍କା ଗ୍ରାମରେ ଆୟୋଜନ କରାଯାଇଥିଲା । ଜଳର ମହତ୍ୱ ବୁଝାଇବା ସହ ଜଳର ଅପବ୍ୟବହାରକୁ କିପରି ରୋକା ଯାଇ ପାରିବ, ସେ ଦିଗରେ ଆଲୋଚନା କରାଯାଇଥିଲା । ଯେତିକି ଦରକାର ସେତିକି ପାଣି ବ୍ୟବହାର କରିବା, ଶୁଖିଯାଇଥିବା କିମ୍ବା ଖରାପ ହୋଇଯାଇଥିବା କୂପ, ନଳକୂପ ମାନ ଠିକ୍ କରେଇବା ତଥା ଜଳ ସଂରକ୍ଷଣ କରି ରଖିବା ପାଇଁ ବିଭିନ୍ନ ପ୍ରକାର ଡ୍ୟାମ୍, କିମ୍ବା ବନ୍ଧ ମାନ ବାନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସଂଗ୍ରାମ ପରମଗୁରୁ ଯୋଗ ଦେଇଥିଲେ ।

## ପ୍ରଥମ ପର୍ଯ୍ୟାୟର ଦ୍ୱିତୀୟ ଜଳଶକ୍ତି ଅଭିଯାନ ପାଳନ

ପ୍ରଥମ ଜଳ ଶକ୍ତି ଅଭିଯାନ ପରେ ମୋହନା ବ୍ଲକ୍ ଅନ୍ତର୍ଗତ ମଲାଶପଦର ଗ୍ରାମରେ ଦ୍ୱିତୀୟ ଜଳଶକ୍ତି ଅଭିଯାନ ପାଳନ କରାଯାଇଥିଲା । ଜଳର ଅପବ୍ୟବହାର ନ କରି କିପରି ଭାବରେ ସଠିକ୍ ପରିମାଣରେ ବ୍ୟବହାର କରାଯାଇ ପାରିବ ସେ ବିଷୟରେ

ଆଲୋଚନା କରାଯାଇଥିଲା । ଅଧିକରୁ ଅଧିକ ଗଛ ଲଗାଇବା, ଜଳକୁ ସଂରକ୍ଷଣ କରି ରଖିବା ପାଇଁ ବନ୍ଧ ଡ୍ୟାମ ମାନର ଯୋଜନା ମାନ ପ୍ରସ୍ତୁତ କରିବା ସହ ଜଳର ଦୁର୍‌ବ୍ୟବହାର ନ କରିବା ପାଇଁ ସମସ୍ତଙ୍କୁ




ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଗଣ ଉପସ୍ଥିତ ରହି ଜଳର ବିନିଯୋଗ ଉପରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସଂଗ୍ରାମ ପରମଗୁରୁ ଏବଂ ଉଦ୍ୟାନ କୃଷି ବୈଜ୍ଞାନିକ ସୁଶ୍ରୀ ରଶ୍ମିତା ଟପ୍ପୋ ପରିଚାଳନା କରିଥିଲେ ।

## ଗାଜର ଘାସ ସଚେତନତା ସପ୍ତାହ ପାଳନ




ଅଗଷ୍ଟ ମାସର ୧୯ ରୁ ୨୨ ତାରିଖକୁ ଗାଜର ଘାସ ସଚେତନତା ସପ୍ତାହ ରୂପେ ପାଳନ କରାଯାଇଥାଏ । ଏହି ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ମୋହନା ବ୍ଲକ୍ ଅନ୍ତର୍ଗତ କାଳିଆପଟା ଗ୍ରାମରେ ଏହି ସପ୍ତାହଟି ପାଳନ କରାଯାଇଥିଲା । ଆମେରିକା, ୱେଷ୍ଟ ଇଣ୍ଡିଜ୍ ଭଳି ଦେଶରେ ବଢି ଉଠିଥିବା ଗାଜର ଘାସ ଧିରେ ଧିରେ ଭାରତରେ ମଧ୍ୟ ବଢି ଚାଲିଲା ଏବଂ ଏହି ଗାଜର ଘାସ ମନୁଷ୍ୟ ପ୍ରତି କେତେ ହାନିକାରକ ତା ବିଷୟରେ ବିସ୍ତୃତ ରୂପରେ ଆଲୋଚନା କରାଯାଇଥିଲା । ଏହି ଗାଜର ଘାସ ଯୋଗୁଁ ହେଉଥିବା ଶ୍ୱାସ ରୋଗ ବିଭିନ୍ନ ପ୍ରକାରର ଆଲେର୍ଜି ସଂପର୍କରେ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରାଯାଇଥିଲା । ଏହି ଗାଜର ଘାସକୁ ଦମନ କରିବା ପାଇଁ ମଧ୍ୟ ବିଭିନ୍ନ ରାସାୟନିକ ପଦ୍ଧତି ସଂପର୍କରେ ଆଲୋଚନା କରାଯିବା ସହ ଆଖ ପାଖରେ ହେଉଥିବା ଗାଜର ଘାସକୁ ମୂଳରୁ ଓପାଡ଼ି ନଷ୍ଟ କରିଦେବା ପାଇଁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଗ୍ରାମର ସମସ୍ତ ଚାଷୀ ଗାଁର ଆଖପାଖରେ ହୋଇଥିବା ଗାଜର ଘାସକୁ ନଷ୍ଟ କରିଥିଲେ । କାର୍ଯ୍ୟକ୍ରମ ଟିକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସଂଗ୍ରାମ ପରମଗୁରୁ ଏବଂ କୃଷି ଯନ୍ତ୍ରୀ ବୈଜ୍ଞାନିକ ଇଂ ଦ୍ୱାରିକା ମୋହନ ଦାସ ପରିଚାଳନା କରିଥିଲେ ।

## ରାଷ୍ଟ୍ରୀୟ ପ୍ରାଣୀ ରୋଗ ନିୟନ୍ତ୍ରଣ ଯୋଜନା (ଫାଟୁଆ ଓ ବ୍ରୁସେଲୋସିସ୍) ଓ ରାଷ୍ଟ୍ରବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ର ଶୁଭାରମ୍ଭ



କୃଷି ବିଜ୍ଞାନ କେନ୍ଦ୍ର ଏବଂ ଜିଲ୍ଲା ପ୍ରାଣୀ ଚିକିତ୍ସା ବିଭାଗର ମିଳିତ ଆନୁକୂଲ୍ୟରେ କୃଷି ବିଜ୍ଞାନ କେନ୍ଦ୍ର ପରିସର ମଧ୍ୟରେ ଜିଲ୍ଲା ସ୍ତରୀୟ କର୍ମଶାଳା ତଥା ପଶୁ ଆରୋଗ୍ୟ ମେଳା ଅନୁଷ୍ଠିତ କରାଯାଇଥିଲା । ମୁଖ୍ୟତଃ ପଶୁ ମାନଙ୍କର ଦେଖା ଦେଉଥିବା ଫାଟୁଆ ଏବଂ ବ୍ରୁସେଲୋସିସ୍ ରୋଗର ନିୟନ୍ତ୍ରଣ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ ରାଷ୍ଟ୍ରବ୍ୟାପୀ ଏହି ପଶୁ ଆରୋଗ୍ୟ ମେଳା ଅନୁଷ୍ଠିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିବା ସହ ଏହାଦ୍ୱାରା କୃଷକ

ବନ୍ଧୁମାନେ ଗାଈଗୋରୁଙ୍କ ଯତ୍ନ ବିଷୟରେ ଶିକ୍ଷା ଲାଭ କରିପାରିବେ ବୋଲି କହିଥିଲେ। ସେହିପରି ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡ଼ଃ ଦିଲିପ କୁମାର ପଟ୍ଟନାୟକ ପଶୁରୋଗ ନିୟନ୍ତ୍ରଣ ଯଥା ଫାଟୁଆ ଓ ବ୍ରୁସେଲୋସିସ୍ ତଥା କୃତ୍ରିମ ଶଙ୍କରିକରଣ ବିଷୟରେ ଚାଷୀ ମାନେ କିପରି ସଚେତନ ହେବେ ତାହା ଉଦ୍ଦେଶ୍ୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ରୂପେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସଂଗ୍ରାମ ପରମଗୁରୁ, ରା:ଉଦୟଗିରି ବି.ଡ଼ି.ଓ ପ୍ରଦୀପ୍ କୁମାର ନାଏକ, ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ମହେନ୍ଦ୍ର କୁମାର ମାଝି, ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ମନୋଜ କୁମାର ପାତ୍ର, ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଜି.ଏସ୍ ଶତପଥୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତ ଚାଷୀ ଏବଂ ଅଧିକାରୀ ମାନେ ମଥୁରାରେ ହୋଇଥିବା ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ।


## ବୃହତ ବୃକ୍ଷରୋପଣ ଅଭିଯାନ ଏବଂ କୃଷକ ଗୋଷ୍ଠୀ କାର୍ଯ୍ୟକ୍ରମ

ସେପ୍ଟେମ୍ବର ମାସ ୧୭ ତାରିଖରେ ମାନବ୍ୟର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ଜନ୍ମ ବାର୍ଷିକ ଅବସରରେ ସମଗ୍ର ରାଷ୍ଟ୍ରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହି ନିର୍ଦ୍ଦେଶକ୍ରମେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଧ୍ୟ ବୃହତ ବୃକ୍ଷରୋପଣ ଏବଂ କୃଷକ ଗୋଷ୍ଠୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲ୍ଲା ବନ ବିଭାଗ ଅଧିକାରୀ ସୁଜାତାରାଣୀ ପଣ୍ଡା ଏବଂ ଜିଲ୍ଲା କୃଷି ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କ ସହ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସଂଗ୍ରାମ ପରମଗୁରୁ ଯୋଗଦାନ କରିଥିଲେ। ଏହି ଧରାପୃଷ୍ଠରେ ଥିବା ଗଛ ମାନଙ୍କର ସ୍ଥିତି ଯେ କେତେ ମହତ୍ୱପୂର୍ଣ୍ଣ ତାହା ଆଲୋଚନା କରାଯାଥିଲା। ଜଙ୍ଗଲ ଯୋଗୁଁ ପରିବେଶର ସନ୍ତୁଳନ କିପରି ସମାନ ରହୁଛି, ଜୀବଜନ୍ତୁ କିପରି ବଞ୍ଚି ରହିପାରିଛନ୍ତି, ତାହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ବଞ୍ଚାଇବାକୁ ଚେଷ୍ଟା



କରିବା, ଅଧିକରୁ ଅଧିକ ଗଛ ଲଗାଇବା, ପୋଡୁ ଚାଷ ବନ୍ଦ କରିବା ଆଦି ଚାଷୀ ମାନଙ୍କୁ ବୁଝା ଯାଇଥିଲା। ଶେଷରେ ମୁଖ୍ୟ ଅତିଥି ମାନେ ବୃକ୍ଷରୋପଣ କରିବା ସହ ୨୦୦ ଚାଷୀଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରାଯାଇଥିଲା ଶେଷରେ ମୁଖ୍ୟ ଅତିଥି ମାନେ ବୃକ୍ଷ ରୋପଣ କରିବା ସହ ୨୦୦ ଚାଷୀଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରାଯାଥିଲା। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ଅନ୍ୟ କର୍ମୀ ମାନେ ସୁଚାରୁ ରୂପେ ପରିଚାଳନା କରିଥିଲେ।

## ଚାଷୀଙ୍କ କଲମରୁ



ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରା.ଉଦୟଗିରି, ଗଜପତି, ମୁଖ୍ୟ ସଂପାଦକ : ଡଃ. ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
ସମ୍ପାଦନା ମଣ୍ଡଳୀ : ସୁଶ୍ରୀ ରଶ୍ମିତା ଟପ୍ପୋ, ବୈଜ୍ଞାନିକ (ଉଦ୍ୟାନ କୃଷି), ଇଂ. ଦ୍ୱାରିକା ମୋହନ ଦାସ, ବୈଜ୍ଞାନିକ (କୃଷି ଯନ୍ତ୍ରପାତି)
ଶ୍ରୀ ସଂଜୀବ କୁମାର ମାଣ୍ଡି, ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ), ଶ୍ରୀ ମନୋଜ କୁମାର ସାହୁ, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର),
ସୁଶ୍ରୀ ମମତା ମାହାଲି (ଫାର୍ମ ମ୍ୟାନେଜର)
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬, Email : kvkgajapati.ouat@gmail.com